# ମୁକ୍ତ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୦।୮ (ନି.ପ୍ର): କେନ୍ଦ୍ରାପଡା କଲେଜର ମୁକ୍ତ ବିଶ୍ୱବିଦ୍ୟାଳୟରେ ୪୭ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଆଜି ନୂତନ ଶିକ୍ଷାର୍ଥୀଙ୍କୁ କଲେଜ ପ୍ରେକ୍ଷାଳୟରେ କଲେଜ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ସଂଯୋଜକ ଡଃ. ପ୍ରଦୀପକିଶୋର ଦାସ ଅଧ୍ୟକ୍ଷତା କରିଥିଲେ। କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡଃ. ଶ୍ରୀଧର ସାମଲ, ଅଧ୍ୟାପକ ରଂଜିତ କୁମାର ଦାସ ଓ ଡଃ. ସେକ୍ ହବିବ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଦିଗରୁ ପରାମର୍ଶ ଦେଇଥିଲେ। ଉତ୍ସବରେ କଲେଜ ତରଫରୁ ପ୍ରଦାନ କରାଯାଇଥିବା ପରିଚୟ ପତ୍ର ଏବଂ ପାଠ୍ୟପୁସ୍ତକକୁ ନବାଗତ ଛାତ୍ର ଛାତ୍ରୀମାନେ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ. ବିରେନ କୁମାର ରାଉତ, ଡଃ. ଗୌରମୋହନ ଷଡଙ୍ଗୀ, ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାର୍ଥୀମାନଙ୍କ ପକ୍ଷରୁ କ୍ଷିତିଶ କୁମାର ସିଂ, ସ୍ନେହାଶିଷ ଶୁଭଦର୍ଶିନୀ ଜେନା ପ୍ରମୁଖ ସେମାନଙ୍କର ଅଭିମତ ପ୍ରଦାନ କରିଥିଲେ। କୁମାରଚନ୍ଦ୍ର ମଲ୍ଲିକ, କରୁଣାକର ପତି ପ୍ରମୁଖ ପରିଚାଳନା କରିଥିଲେ।

